Code No. ................................ Roll No. ................................

(To be filled up by Office)

# CPSE(Main) – 2015 1395

# OL

## PAPER – II

### Question-cum-Answer Booklet

**Main Written Examination for the Post of** ....................................................

**This booklet contains 11 pages.**

| EXAMINER'S AWARD | |
|---|---|
| Question No. | Marks |
| 1. | |
| 2. | |
| 3. | |
| 4. | |
| 5. | |
| Total marks (in figuers) | |
| Total marks awarded (in words) : | |

**: ପରୀକ୍ଷାର୍ଥୀମାନଙ୍କ ପାଇଁ ନିର୍ଦ୍ଦେଶାବଳୀ :**

୧. ଦକ୍ଷିଣ-ପାର୍ଶ୍ୱର ଉପରି ଭାଗରେ ଦିଆଯାଇଥିବା ସ୍ଥାନରେ ନିଜ ରୋଲ୍ ନମ୍ବର ସୁସ୍ପଷ୍ଟ ଭାବରେ ଲେଖନ୍ତୁ ।

୨. କୋଡ୍ ନମ୍ବର ସ୍ଥାନରେ କିଛି ଲେଖନ୍ତୁ ନାହିଁ ।

୩. ପ୍ରଶ୍ନ-ଉତ୍ତର ଖାତା ବ୍ୟବହାର କରିବା ପୂର୍ବରୁ ସେଥିରେ କୌଣସି ଭୁଲ୍ ଥାଇପାରେ ଯଥା (କାଗଜ ଚିରି ଯାଇଥିବା, ପୃଷ୍ଠା ନଥିବା, ଠିକ୍ ଭାବେ ଛପାଯାଇନଥିବା ଇତ୍ୟାଦି) । ତେଣୁ ପ୍ରଶ୍ନ-ଉତ୍ତର ଖାତାଟିକୁ ଭଲ ଭାବରେ ଦେଖିନିଅନ୍ତୁ । ଯଦି କିଛି ଭୁଲ୍ ଦୃଷ୍ଟିକୁ ଆସେ, ତତ୍କ୍ଷଣାତ୍ ଇନ୍‌ଭିଜିଲେଟର୍‌ଙ୍କ ଦୃଷ୍ଟିକୁ ଆଣନ୍ତୁ । ଏପରି କ୍ଷେତ୍ରରେ ଇନ୍‌ଭିଜିଲେଟର୍ ନୂଆ ଖାତା ଦେଇପାରିବେ । କିନ୍ତୁ ପଶ୍ନ-ଉତ୍ତର ଖାତା ଥରେ ବ୍ୟବହୃତ ହେଲାପରେ, କୌଣସି ଅଭିଯୋଗ ଶୁଣାଯିବନାହିଁ ।

୪. ଏହି ଖାତାରେ ନିଜ ନାମ ଲେଖନ୍ତୁ ନାହିଁ ।

୫. ପ୍ରଶ୍ନତଳେ ଦିଆଯାଇଥିବା ସ୍ଥାନରେ ଉତ୍ତର ଲେଖନ୍ତୁ । ଅତିରିକ୍ତ କାଗଜ ଦିଆଯିବ ନାହିଁ ।

୬. ଶୂନ୍ୟସ୍ଥାନ ପୂରଣ ସଂପର୍କିତ ପ୍ରଶ୍ନଥିଲେ, ପ୍ରଦତ୍ତ ଶୂନ୍ୟସ୍ଥାନରେ ଉତ୍ତର ଲେଖନ୍ତୁ ।

୭. ଏହି ପ୍ରଶ୍ନ-ଉତ୍ତର ଖାତାର କୌଣସି ଅଂଶ ଚିରନ୍ତୁ ନାହିଁ ।

୮. କୌଣସି ସଂକେତ, ପ୍ରାର୍ଥନା, ଚିହ୍ନ ଅଥବା ସ୍ଲୋଗାନ୍ ଖାତାରେ ଲେଖନ୍ତୁ ନାହିଁ ।

୯. ଖାତାରେ ଉତ୍ତର ଲେଖିବା ପୂର୍ବରୁ ଉପର ପୃଷ୍ଠାରେ ଇନ୍‌ଭିଜିଲେଟର୍‌ଙ୍କ ସ୍ୱାକ୍ଷର ସ୍ଥାନରେ ଦସ୍ତଖତ ହୋଇଛି କି ନାହିଁ ଯାଞ୍ଚ କରିନିଅନ୍ତୁ । ଯଦି ଇନ୍‌ଭିଜିଲେଟର୍ ସ୍ୱାକ୍ଷର କରିନଥା'ନ୍ତି, ତତ୍କ୍ଷଣାତ୍ ଏହା ତାଙ୍କ ଦୃଷ୍ଟିକୁ ଆଣନ୍ତୁ ।

୧୦. ପରୀକ୍ଷା କେନ୍ଦ୍ରକୁ ମୋବାଇଲ ଫୋନ୍ ବା ଅନ୍ୟ କୌଣସି ଯୋଗାଯୋଗ ଯନ୍ତ୍ର ଯଥା ବ୍ଲୁ-ଟୁଥ୍, ଇୟରଫୋନ, ମାଇକ୍ରୋଫୋନ, ପେଜର, ରିଷ୍ଟୱାଚ୍, ହେଲ୍‌ଥବ୍ୟାଣ୍ଡ, ରିଷ୍ଟବ୍ୟାଣ୍ଡ ବା ଅନ୍ୟ କୋଣସି ଧାତବ ପଦାର୍ଥ (ଯାହାକି ପୂର୍ବୋକ୍ତ ଯୋଗାଯୋଗ ଯନ୍ତ୍ର ପାଇଁ ବ୍ୟବହାର କରାଯାଇପାରେ) ନେବା ସଂପୂର୍ଣ୍ଣ ନିଷିଦ୍ଧ ଅଟେ । ଏହାର ଉଲ୍ଲଙ୍ଘନ ହେଲେ ପ୍ରାର୍ଥୀ ଆଇନ ଅନୁଯାୟୀ ଦଣ୍ଡିତ ହେବେ ଏବଂ ସେମାନଙ୍କର ପ୍ରାର୍ଥୀତ୍ୱ ନାକଚ କରିଦିଆଯିବ ।

୧୧. ଉପରୋକ୍ତ ନିର୍ଦ୍ଦେଶାବଳୀର ଉଲ୍ଲଙ୍ଘନ କଲେ ପରୀକ୍ଷାର୍ଥୀଙ୍କୁ ସମୁଦାୟ ପ୍ରକ୍ରିୟାରେ ଅଯୋଗ୍ୟ ଘୋଷିତ କରାହେବ ।

୧୨. ପରୀକ୍ଷା ଶେଷ ହେବାପରେ ପ୍ରଶ୍ନ-ଉତ୍ତର ଖାତାକୁ ବ୍ୟକ୍ତିଗତ ଭାବରେ ଇନ୍‌ଭିଜିଲେଟର୍‌ଙ୍କୁ ହସ୍ତାନ୍ତର କରନ୍ତୁ ।

SEAL

**EXAMINER'S SIGNATURE & DATE** **INVIGILATOR'S SIGNATURE & DATE**

# CPSE(Main) – 2015

# OL

## PAPER – II

*ସମୟ : ୧$\frac{୧}{୨}$ ଘଣ୍ଟା*

*ପୂର୍ଣ୍ଣ ସଂଖ୍ୟା : ୫୦*

*ପରୀକ୍ଷାର୍ଥୀମାନେ ଯଥାସମ୍ଭବ ନିଜ ଭାଷାରେ ଉତ୍ତର ଦେବେ ।*

*ଡାହାଣ ପାଖରେ ଦିଆଯାଇଥିବା ସଂଖ୍ୟାଗୁଡ଼ିକ ମୂଲ୍ୟାଙ୍କ ସୂଚାଉଛି ।*

*ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।*

୧. ନିମ୍ନ ଅନୁଚ୍ଛେଦଟି ପାଠ କରି ଏଥି ସହ ସଂଯୁକ୍ତ ପ୍ରଶ୍ନ ର ଉତ୍ତର ସଂକ୍ଷେପରେ ଦିଅ : ୨×୫ = ୧୦

ବାଉଁଶ ସରଳ ନହେଲେ ବଇଁଶୀ ବାଜେ ନାହିଁ । ମନ ସରଳ ନହେଲେ ବିଶ୍ୱାସ ଉପୁଜେ ନାହିଁ । ମନର ଏଇ ଋଜୁ ଅବସ୍ଥାରେ ଯେଉଁ ବିଶ୍ୱାସ ସେଥିରେ ଆଧାରିତ ହୋଇଯାଏ, ତାହା ସେହି ବ୍ୟକ୍ତି ଜୀବନର ଚରମ ସାର୍ଥକତା ; ତା'ର ସର୍ବଶ୍ରେଷ୍ଠ ମୂଲ୍ୟବୋଧର ସ୍ତମ୍ଭ । ସାଧାରଣତଃ ଏହା ଧର୍ମ ବିଶ୍ୱାସର ରାଜ୍ୟ । ଏହା ଉପରେ ଆଉଜି ରହେ ନୈତିକତା, ସାମାଜିକତା, ଶିକ୍ଷା, ସଂସ୍କୃତି, ରାଜନୀତି । ଏଣୁ ଏହା ଉପରେ ହସ୍ତକ୍ଷେପ କଲେ ମଣିଷ ଉତକ୍ଷିପ୍ତ ହୋଇଉଠେ । ଶହ ଶହ ଧର୍ମଯୁଦ୍ଧରେ ପ୍ରାଣବଳୀ ଦେଇ ସେ ତାକୁ ରକ୍ଷା କରେ । ଶିର୍ ଦେଇ ଶାୟାରକୁ ବଞ୍ଚାଏ । ବିଶ୍ୱାସର ସିଂହାସନ କେତେବେଳେ ଖାଲି ରହେ ନାହିଁ । ଧର୍ମର ଆଦର୍ଶ ନହେଲେ ମଧ୍ୟ ଅନ୍ୟ ଯେକୌଣସି ଆଦର୍ଶବାଦର ଗାଦି ମାଡ଼ି ବସିବାକୁ ହେବ । ଖାଲି ଖଟୁଲି ରହିବା ସମ୍ଭବ ନୁହେଁ । ସିରିଆ ଓ ବେବିଲୋନର ବିଭିନ୍ନ ସଂଘର୍ଷ ପରି ଏ ଯୁଗରେ ବି ଦୁଇଟା ବିଶ୍ୱାସ ବା ନୀତିର ସଂଘର୍ଷ ସଂଘଟିତ ହୋଇପାରେ । ଉଭୟ ସଂଘର୍ଷ ମଧ୍ୟରେ ମୌଳିକ ପାର୍ଥକ୍ୟ ନାହିଁ ।

**ପ୍ରଶ୍ନ :**

**(କ) କାହାକୁ ବ୍ୟକ୍ତି ଜୀବନର ଚରମ ସାର୍ଥକତା ବୋଲି କୁହାଯାଇଛି ?**

**ଉ :**

(ଖ) ଧର୍ମ ବିଶ୍ୱାସ ଉପରେ କ'ଣ ଆଉଜି ରହେ ?

ଉ :

(ଗ) ମଣିଷ କାହିଁକି ଉତ୍କ୍ଷିପ୍ତ ହୋଇଉଠେ ?

ଉ :

(ଘ) ନୀତି, ଆଦର୍ଶ ବା ବିଶ୍ୱାସକୁ ସେ କିପରି ରକ୍ଷାକରେ ?

ଉ :

(ଙ) କେଉଁ ଦୁଇଟି ସଂଘର୍ଷ ମଧ୍ୟରେ ମୌଳିକ ପାର୍ଥକ୍ୟ ନାହିଁ ?

ଉ :

୨. ନିର୍ଦ୍ଦେଶ ଅନୁସାରେ ଉତ୍ତର ଦିଅ : ୧୦

ଚାକିରୀ ପାଇଁ ଦରଖାସ୍ତ କଲାବେଳେ ତୁମେ ନିଜର ଜନ୍ମ ତାରିଖର ପ୍ରମାଣପତ୍ର ଦେଇ ନାହଁ । ପରେ ତାହା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗର ସଚିବଙ୍କୁ ପ୍ରେରଣ କରିବାର ଏକ ଅଗ୍ରଲେଖ ପ୍ରସ୍ତୁତ କର ।

କିମ୍ୱା

ତୁମ ଅଞ୍ଚଳରେ ସଂପାଦିତ କବି ସମ୍ମିଳନୀ ସଂପର୍କରେ ଏକ ଆଲେଖ୍ୟ ପ୍ରସ୍ତୁତ କର ।

୩. ନିର୍ଦ୍ଦେଶ ଅନୁସାରେ ଉତ୍ତର ଦିଅ : ୧×୧୦ = ୧୦

(କ) 'ଜମିଦାର' ଶବ୍ଦଟି କେଉଁ ବୈଦେଶିକ ଶବ୍ଦ ?

ଉ :

(ଖ) ପ୍ରାଚୀନ ଉତ୍କଳ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । — ଏ ବାକ୍ୟରେ ''ପର୍ଯ୍ୟନ୍ତ'' କେଉଁ ପଦ ରୂପେ ବ୍ୟବହୃତ ?

ଉ :

(ଗ) 'ଶୀତାର୍ତ୍ତ' ଶବ୍ଦର ସନ୍ଧି ବିଚ୍ଛେଦ କ'ଣ ହେବ ?

ଉ :

(ଘ) କେଉଁ ସମାସରେ ପ୍ରାୟଶଃ ଉତ୍ତର ପଦର ଅର୍ଥ ପ୍ରଧାନ ହୋଇଥାଏ ?

ଉ :

(ଙ) ବସୁନ୍ଧରା ଶବ୍ଦ କିପରି ଗଠିତ ?

ଉ :

(ଚ) 'ବି – ସ୍ମୃ + ତ' ରେ କେଉଁ ଶବ୍ଦ ନିଷ୍ପନ୍ନ ହୁଏ ?

ଉ :

(ଛ) ବିଦେଶୀୟ ଶବ୍ଦରେ କେଉଁ ଅର୍ଥରେ 'ଇୟ' ପ୍ରତ୍ୟୟ ଯୁକ୍ତ ହୋଇଛି ?

ଉ :

(ଜ) "ଯେଉଁ ଛାତ୍ରମାନେ ପରିଶ୍ରମ କରନ୍ତି ସେମାନେ ପରୀକ୍ଷାରେ କୃତକାର୍ଯ୍ୟ ହୁଅନ୍ତି ।" — ଏହାକୁ ସରଳ ବାକ୍ୟରେ ରୂପାନ୍ତରିତ କର ।

ଉ :

(ଝ) 'ଥଳକୂଳ ନ ପାଇବା' — ରଢ଼ିର ଅର୍ଥ ଲେଖ ।

ଉ :

(ଞ) ଅଳିକ : ଅଳୀକ — ଏହି ଦୁଇ ଶବ୍ଦର ଅର୍ଥ ଲେଖ ।

ଉ :

୪. ପ୍ରାୟ ୧୫୦ ଶବ୍ଦରେ ଏକ ପ୍ରବନ୍ଧ ଲେଖ : ୧୦

ଆତ୍ମ ନିଯୁକ୍ତି ।

୫. ନିମ୍ନ ଅନୁଚ୍ଛେଦଟିକୁ ଓଡ଼ିଆ ଭାଷାରେ ଅନୁବାଦ କର : ୧୦

Most people believe themselves to be good. They do not hurt any one, steal, lie, cheat, murder or commit arson. These are believed to be goodness. Yet they are agitated and sometimes wonder, why. They frequent places of worship to overcome this mental turmoil. Some engage themselves in social works, become activists and join civil society organisations and movements.

ଉ :